# ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦିଅନି: ମନ୍ତ୍ରୀ କୃଷ୍ଣଚନ୍ଦ୍ର

**ଜିଲା ପରିଷଦର ଅଷ୍ଟମ ସାଧାରଣ ବୈଠକ**

- ଜିଲାର ସର୍ବାଙ୍ଗୀନ ବିକାଶ ସମସ୍ତଙ୍କ ଲକ୍ଷ୍ୟ
- ଲୋକ ପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସମନ୍ୱୟ ରଖନ୍ତୁ
- ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ୭୫୦ ହେକ୍ଟରରେ ଚାଷ ବ୍ୟବସ୍ଥା


ଜିଲା ପରିଷଦର ଅଷ୍ଟମ ସାଧାରଣ ବୈଠକରେ ମନ୍ତ୍ରୀଙ୍କ ସମେତ ଅନ୍ୟ ଲୋକପ୍ରତିନିଧି ଓ ଅଧିକାରୀମାନେ।

ଢେଙ୍କାନାଳ,୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଷଷ୍ଠ ଜିଲା ପରିଷଦର ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ଭ୍ରଷ୍ଟାଚାରକୁ ପ୍ରଶ୍ରୟ ନ ଦେଇ ପ୍ରତ୍ୟେକ କାର୍ଯ୍ୟର ସମୀକ୍ଷା କରିବା ଜରୁରୀ। ଜିଲାର ସର୍ବାଙ୍ଗୀନ ବିକାଶ ସମସ୍ତଙ୍କ ଲକ୍ଷ୍ୟ। ନିର୍ବାଚିତ ଲୋକ ପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସମୟ ମଧ୍ୟରେ ଠିକ୍ ଭାବେ ସମାପନ ହୋଇପାରିବ। ବୈଠକରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଯୋଗଦେଇ ଜିଲା ପରିଷଦର ସମସ୍ତ ସଦସ୍ୟା ସଦସ୍ୟ କର୍ତ୍ତବ୍ୟନିଷ୍ଠ ହୋଇ ନିଜ ଅଞ୍ଚଳର ବିକାଶ ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

ପ୍ରାରମ୍ଭରେ ସପ୍ତମ ସାଧାରଣ ବୈଠକର ବିବରଣୀର ଦୃଢ଼ୀକରଣ କରାଯାଇଥିଲା। କୃଷି, ଉଦ୍ୟାନ, ଜଙ୍ଗଲ, ସମାଜ ମଙ୍ଗଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖରିଫ ଋତୁରେ ଜିଲାରେ ୧ ଲକ୍ଷ ୮୩ ହଜାର ୨୨୧ ହେକ୍ଟରରେ ଧାନ ଏବଂ ଅନ୍ୟାନ୍ୟ ଖାଦ୍ୟଶସ୍ୟ, ଡାଲି, ତୈଳବୀଜ, ତନ୍ତୁ, ପନିପରିବା, ମସଲା ଏବଂ ଆଖୁ ଆଦି ଫସଲ କରାଯାଇଥିବା ସୂଚନା ଦିଆଯାଇଥିଲା। ଧାନଚାଷ ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଏବଂ ବେସରକାରୀ ସଂସ୍ଥା ମାଧ୍ୟମରେ ସମୁଦାୟ ୬୬୦୩ କୁଇଣ୍ଟାଲ ପ୍ରାମାଣିକ ବିହନ ବିକ୍ରୟ କରାଯାଇଛି। ଆଳୁ ଉତ୍ପାଦନ ବୃଦ୍ଧି ନିମନ୍ତେ ୭୨୫ ହେକ୍ଟରରେ ଆଳୁଚାଷ କରାଯାଇଛି। ଜିଲାରେ ୨୨୨୦ଟି ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ୪୭,୯୦୫ ଶିଶୁଙ୍କୁ ସକାଳ ଜଳଖିଆ ଓ ଗରମ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ପ୍ରଥମରୁ ୮ମ ଶ୍ରେଣୀର ୧୨ଲକ୍ଷ ୪ହଜାର ୧୨୫ ପିଲାଙ୍କୁ ପୁସ୍ତକ, ୧ଲକ୍ଷ ୧୫ହଜାର ୭୩୯ଜଣଙ୍କୁ ଦୁଇହଳ ଲେଖାଏ ପୋଷାକ, ଏକହଳ ଲେଖାଏ ଜୋତା, ଦୁଇହଳ ମୋଜା, ଗୋଟିଏ ଲେଖାଏ ଟି-ଶାର୍ଟ, ଗୋଟିଏ ଲେଖାଏ ଟ୍ରାକ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ପରିଚୟପତ୍ର ପ୍ରଦାନ କରାଯାଇଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ୨କୋଟି ୧୭ଲକ୍ଷ ୭୭ହଜାର ଟଙ୍କା ବ୍ୟୟରେ ୯ଗୋଟି ବାଳକ ଶୌଚାଳୟ, ୫ଗୋଟି ବାଳିକା ଶୌଚାଳୟ, ୩ଟି ବିଦ୍ୟୁତୀକରଣ କାର୍ଯ୍ୟ, ୬ଟି ଅତିରିକ୍ତ ଶ୍ରେଣୀ ଗୃହ ଓ ୧୪ ଭିନ୍ନକ୍ଷମ ଶୌଚାଳୟ ନିର୍ମାଣ କରାଯିବ ବୋଲି ଜଣାପଡିଛି। ହାତୀ ଉପଦ୍ରବ, ଏହାର ନିରାକରଣ, ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ, ଛତୁଆ ପ୍ରସ୍ତୁତୀକରଣ, ନୂତନ ଚିକିତ୍ସାଳୟ ନିମନ୍ତେ ଗୃହ ନିର୍ମାଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଜିଲା ପରିଷଦ ଉପସଭାପତି ବିଳାସିନୀ ସେଠୀ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରେମାନନ୍ଦ ଜେନା, ଜିଲା ପରିଷଦର ସମସ୍ତ ସଦସ୍ୟାସଦସ୍ୟ, ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୋଲିସ ବିଶ୍ୱାସଭାଜନ ହେଲେ ସମସ୍ୟା ରହିବ ନାହିଁ

**ନୂତନ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ**



ଢେଙ୍କାନାଳ,୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲାର ନୂତନ ଏସ୍‌ପି ଭାବେ ୨୦୧୯ ବ୍ୟାଚ୍‌ର ଭାରତୀୟ ପୋଲିସ ସେବା ଅଧିକାରୀ ଅଭିନବ ସୋନକର ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି କହିଲେ, ପୋଲିସ ଜନସାଧାରଣଙ୍କ ବିଶ୍ୱାସ ଭାଜନ ହୋଇପାରିଲେ ସମସ୍ୟା ରହିବ ନାହିଁ। ପୋଲିସ ଉପରେ ବିଶ୍ୱାସ ଓ ଭରସା ରହିବା ଉଚିତ। ଲୋକମାନଙ୍କୁ ପୋଲିସ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ପ୍ରସିଦ୍ଧ ଲକ୍ଷ୍ମୀପୂଜା ଢେଙ୍କାନାଳ ଜିଲାର ଗଣପର୍ବ। ମା'ଙ୍କ ପୂଜାରେ ଆମ ଭିତରେ ଶ୍ରଦ୍ଧା ଭାବନା ରହିବା ଆବଶ୍ୟକ। କୌଣସି ବ୍ୟକ୍ତିଗତ କଥା ଉଠାଇବା ଉଚିତ ନୁହେଁ। ଯେଉଁଠି ମତଭେଦ ରହୁଛି, ତାକୁ ମଧ୍ୟ ଦୂର କରିବା ପାଇଁ ଉଦ୍ୟମ କରାଯିବ। ଗତବର୍ଷ ଲକ୍ଷ୍ମୀପୂଜାରେ ପୋଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ଅପରାଧୀମାନଙ୍କ ଗତିବିଧି ଉପରେ କଡ଼ା ନଜର ରହିବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ସବୁ ବିଭାଗ ସହ ଆଲୋଚନା କରାଯିବ। ଏଥିପାଇଁ ଏକ ସପ୍ତାହ ଲାଗିବ। ବ୍ରାଉନ ସୁଗାର କାରବାରକୁ ରୋକିବା ପାଇଁ ବ୍ୟାପକ ଉଦ୍ୟମ ହେବ। ମହିଳା ହିଂସା ବଢୁଥିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣରେ ଏସ୍‌ପି କହିଲେ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରତି ପୋଲିସ ସବୁବେଳେ ଅଗ୍ରାଧିକାର ଦେଉଛି। ମହିଳାମାନଙ୍କ ପ୍ରତି ପୋଲିସ ସମ୍ବେଦନଶୀଳ। ଏଥିପାଇଁ ଏକ ଆକ୍ସନ ପ୍ଲାନ କରାଯିବ। ଖବରଦାତା ସମ୍ମିଳନୀ ପୂର୍ବରୁ ନୂତନ ଏସ୍‌ପି ଜିଲାର ସମସ୍ତ ଥାନା ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଅପରାଧ ରୋକିବାକୁ ନେଇ ଆଲୋଚନା କରିଥିବା ସୂଚନା ଦେଇଥିଲେ। ଲକ୍ଷ୍ମୀପୂଜାକୁ ଶୃଙ୍ଖଳାର ସହ ଆୟୋଜନ ପାଇଁ ନୂତନ ଏସ୍‌ପି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନୂତନ ଏସ୍‌ପି ଏଥିପୂର୍ବରୁ କୋରାପୁଟ ଜିଲାରେ ଏସ୍‌ପି ଭାବେ ଅବସ୍ଥାପିତ ହୋଇଥିଲେ। ଦାୟିତ୍ୱ ନେବାରେ ଢେଙ୍କାନାଳ ତାଙ୍କର ଦ୍ୱିତୀୟ ଜିଲା ବୋଲି ସେ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଉପସ୍ଥିତ ଥିଲେ।

## ସାରଙ୍ଗଧରଙ୍କ କର୍ମଭୂମି ବ୍ରହ୍ମକୁଣ୍ଡର ସ୍ମୃତିରକ୍ଷା ଦାବି



ଢେଙ୍କାନାଳ,୪।୧୦(ରତନ ନାୟାର)

ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ବହୁ ଚର୍ଚ୍ଚିତ କର୍ମଭୂମି ଭୁବନ ବ୍ଲକ ଓଡିଶ ପଞ୍ଚାୟତର ବ୍ରହ୍ମକୁଣ୍ଡ ଗ୍ରାମ ଅବହେଳିତ ଅବସ୍ଥାରେ ପଡିରହିଛି। ବ୍ରହ୍ମକୁଣ୍ଡ ଗ୍ରାମର ସ୍ମୃତିରକ୍ଷା ପାଇଁ ସାରଙ୍ଗଧର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଦାବି କରାଯାଇଛି। ସାରଙ୍ଗଧରଙ୍କ ସ୍ମୃତି ବହନ କରୁଥିବା ବ୍ରହ୍ମକୁଣ୍ଡ ଗ୍ରାମରେ ବର୍ତ୍ତମାନ ମାଙ୍କଡ଼ା ପଥରରେ ନିର୍ମିତ ଭଗ୍ନ ଘରର କେବଳ ପ୍ରବେଶ ପଥ ହିଁ ରହିଛି। ସେହିପରି ନିକଟରେ ଥିବା ଝରଣାକୁ ଯିବା ପାଇଁ ୧୦୦ ବର୍ଷ ତଳେ ନିର୍ମିତ ମାଙ୍କଡା ପଥର ପାହାଚ, ବିଶାଳ ବଟବୃକ୍ଷ ଓ ବନ୍ୟପ୍ରାଣୀ କବଳରୁ ରକ୍ଷା ପାଇବାର ଗୁମ୍ଫା ଆଶ୍ରୟସ୍ଥଳୀ ରହିଛି। ଏହି ଅଞ୍ଚଳ ରେଙ୍ଗାଳି ବାମ କେନାଲର ନବ ନିର୍ମିତ କାମାକ୍ଷାନଗର ଢୁବୁରୀ ଦୋହରୀ କେନାଲ ରାସ୍ତାକୁ ଲାଗି ରହିଛି। ଏଠାକୁ କାମାକ୍ଷାନଗର ଓ ଭୁବନ ପଟୁ ଯାତାୟାତର ସୁବନ୍ଦୋବସ୍ତ ରହିଛି। ଗଡ଼ଜାତ ଗାନ୍ଧୀ ଦାସଙ୍କ କର୍ମଭୂମି ବ୍ରହ୍ମକୁଣ୍ଡରେ ଏକ ସୁନ୍ଦର ଉଦ୍ୟାନ, ଗୁମ୍ଫାର ପୁନରୁଦ୍ଧାର, ଝରଣା ପାହାଚର ପୁନରୁଦ୍ଧାର ଓ ଝରଣାର ସୌନ୍ଦର୍ଯ୍ୟକରଣ, ଗଡ଼ଜାତ ସଂଗ୍ରାମର ସଂଗ୍ରହାଳୟ ଓ ପୁସ୍ତକାଗାର ସ୍ଥାପନ କରି ସାରଙ୍ଗଧରଙ୍କ ସ୍ମୃତିରକ୍ଷା ପାଇଁ ଦାବି କରାଯାଇଛି। ସାରଙ୍ଗଧର ଆଞ୍ଚଳିକ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ, ସଭାପତି ଚିତ୍ତରଞ୍ଜନ ପୁହାଣ, ସମ୍ପାଦକ ସୁଜିତ ରାଜ, ଅବସରପ୍ରାପ୍ତ ପ୍ରଶାସକ ସନାତନ ମଲ୍ଲିକ, ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକ, ସାରଙ୍ଗଧରଙ୍କ ସଂସ୍ପର୍ଶରେ ଆସିଥିବା ବାଇଶିଆ ଗ୍ରାମର ଅନ୍ନଦା ଶଙ୍କର ପତି ପ୍ରମୁଖ ଏ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ ପାଇଁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଏବଂ ସାରଙ୍ଗଧର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ନିବେଦନ କରିଥିଲେ।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

ବଇଣ୍ଡା,୪।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ପଞ୍ଚାୟତର ଗୁଣ୍ଡପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ବୁଧବାର ରାତିରେ କେତେଜଣ ଅଭିଯୁକ୍ତ ସମସ୍ତ ଶ୍ରେଣୀ ଗୃହ ଫାଟକ ତାଲା କାଟି ବିଭିନ୍ନ ସାମଗ୍ରୀ ଚୋରି କରିଥିବା ପ୍ରଧାନ ଶିକ୍ଷକ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୯୧/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛ, ଉକ୍ତ ବିଦ୍ୟାଳୟରେ ବୁଧବାର ରାତିରେ କେତେଜଣ ଅଭିଯୁକ୍ତ ସମସ୍ତ ଶ୍ରେଣୀ ଗୃହ ତାଲା ଭାଙ୍ଗି ୪ ବସ୍ତା ଚାଉଳ, ଗ୍ୟାସଚୁଲା, ଖେଳ ଉପକରଣ ସାମଗ୍ରୀ ଆଦି ଚୋରି କରିନେଇଛନ୍ତି। ଘଟଣାସ୍ଥଳରେ ହଣ୍ଡପା ପୋଲିସ ପହଞ୍ଚି ତଦନ୍ତ କରିଛି।

## ଲୋକଙ୍କ ସମସ୍ୟା ସମାଧାନ ପାଇଁ ପରାମର୍ଶ

**ଯୋଗାଣ ମନ୍ତ୍ରୀଙ୍କ ଚା' ପେ ଚର୍ଚ୍ଚା**

ଢେଙ୍କାନାଳ,୪।୧୦(ରତନ ନାୟାର)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଏକ ଦିନିକିଆ ଗସ୍ତରେ ଢେଙ୍କାନାଳ ଆସି ସକାଳେ ବିବେକାନନ୍ଦ ପ୍ରଭାତ ଶାଖା ସିମିଳିଆ ସ୍ୱୟଂସେବକମାନଙ୍କ ସହିତ ରାଷ୍ଟ୍ର ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ହନୁମାନବାଟିକା ଠାରେ କାର୍ଯ୍ୟକର୍ତ୍ତାଙ୍କ ସହିତ 'ଚା ଖଟି'ରେ କିଛି ମୁହୂର୍ତ୍ତ ରହି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜନସାଧାରଣଙ୍କ ମୌଳିକ ସୁବିଧାଗୁଡିକରେ ସୁଧାର ଆଣିବା ପାଇଁ ପରାମର୍ଶ ଦେଇଥିଲେ।


ହନୁମାନ ବାଟିକାଠାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଚା ପେ ଚର୍ଚ୍ଚା।

କାର୍ଯ୍ୟକର୍ତ୍ତାମାନେ ଖାଉଟି ସାମଗ୍ରୀ ଯୋଗାଣ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ପାତ୍ର, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁ, ମନ୍ତ୍ରୀଙ୍କ ଜିଲା ଯୋଗାଣ ବିଭାଗର ପ୍ରତିନିଧି ନିରୋଦ କୁମାର ସାହୁ, ଏମ୍‌ପିଙ୍କ ପୌର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପୌର ପ୍ରତିନିଧି ସନ୍ତୋଷ କୁମାର ରାଉତ, ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ସତ୍ୟ ରଞ୍ଜନ ଭୂୟାଁ, ପଦ୍ମଭୂଷଣ ସାହୁ, ଅଭୟ କୁମାର ଲେଙ୍କା, ଜିତେନ୍ଦ୍ର ପଟ୍ଟନାୟକ, ପ୍ରସନ୍ନ ମହାନ୍ତି ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଅନୁଗୋଳ ସହରରେ ପୋଲିସର ଫ୍ଲାଗମାର୍ଚ୍ଚ



ଅନୁଗୋଳ,୪।୧୦(ଜ୍ୟୋତିରଞ୍ଜନ ସାହୁ)

ପାର୍ବଣ ପାଇଁ ଅନୁଗୋଳ ସହର ଚଳଚଞ୍ଚଳ ହେବାକୁ ଯାଉଥିବାବେଳେ ପୋଲିସ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ପୂଜା ବଜାରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଏହି ପ୍ରୟାସ କରାଯାଇଛି। ହେମସୁରପଡା ଛକ, ଡିଆଇସି ଛକ, ବଜାର, ହରିମହୁରୀ ଛକ ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପୋଲିସ ଫ୍ଲାଗମାର୍ଚ୍ଚ କରିଥିଲା। ନୂତନ ଏସ୍‌ପି ରାହୁଲ ଜୈନ ଦାୟିତ୍ୱ ଗ୍ରହଣ କରିବା ପରେ କହିଥିଲେ ପୋଲିସ ସହରରେ ବୁଲି ଫୁଟ ପାଟ୍ରୋଲିଂ କରିବ। ଏହି ଫ୍ଲାଗମାର୍ଚ୍ଚରେ ଅନୁଗୋଳ ଏସ୍‌ଡିପିଓ, ଟାଉନ ଥାନା ଅଧିକାରୀଙ୍କ ସହ ୨୦ଜଣ ପୋଲିସ କର୍ମଚାରୀ ସାମିଲ ଥିଲେ।

## ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ବାଜିମାତ

**ସିପିପି ଶ୍ରମିକ ୟୁନିୟନ ନିର୍ବାଚନ**

ବଣ୍ଡାଁରପାଳ,୪।୧୦(ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ସିପିପି ପ୍ଲାଣ୍ଟରେ ଶ୍ରମିକ ୟୁନିୟନ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଏନ୍‌ଟିୟୁସି ସହବନ୍ଧିତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ବାଜିମାତ କରିଛି। ସିପିପି ପ୍ଲାଣ୍ଟର ମୋଟ ୩୮୬ କର୍ମଚାରୀଙ୍କ ମଧ୍ୟରୁ ୩୮୩ ଜଣ ମତଦାନ କରିଥିଲେ। ଏଥର ନିର୍ବାଚନରେ ନାଲ୍‌କୋ ବିଦ୍ୟୁତ୍ ମଜଦୁର ସଂଘ, ଆଇଏନଟିୟୁସି ସହବନ୍ଧିତ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ, ନାଲ୍‌କୋ ନନ୍ ଏକଜିକ୍ୟୁଟିଭ ଏମ୍ପ୍ଲଇଜ ୟୁନିୟନ ପ୍ରମୁଖ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସକାଳ ୧୦ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ୨ଟି ବୁଥ୍‌ରେ ମତଦାନ ହୋଇଥିଲା। ସନ୍ଧ୍ୟା ୫ଟାରେ ଭୋଟ ଗଣତି ଆରମ୍ଭ ହୋଇ ୬ ଘଟିକାରେ ଶେଷ ହୋଇଥିଲା। ଏହାପରେ ଶ୍ରମ ବିଭାଗ ପକ୍ଷରୁ ଫଳାଫଳ ଘୋଷଣା କରାଯାଇଥିଲା। ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସର୍ବାଧିକ ୧୭୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନାଲ୍‌କୋ ବିଦ୍ୟୁତ୍ ମଜଦୁର ସଂଘ ୧୧୨ ଓ ନାଲ୍‌କୋ ନନ୍ ଏକ୍‌ଜିକ୍ୟୁଟିଭ ଏମ୍ପ୍ଲୟିଜ ୟୁନିୟନ ୧୦୧ ଖଣ୍ଡ ଭୋଟ ପାଇଥିଲା। ଡେପୁଟି ଲେବର କମିଶନର ସେଣ୍ଟ୍ରାଲ ଭୁବନେଶ୍ୱର ସମ୍ପତ କୁମାର ନିର୍ବାଚନ ପରିଚାଳନା କରିବା ସହ ବିଜୟୀ ୟୁନିୟନ ନାମ ଘୋଷଣା କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ରହିଥିଲେ। ବିଜୟୀ ଘୋଷଣା ହେବା ପରେ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ କର୍ମକର୍ତ୍ତାମାନେ ସିପିପି ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରୁ ବିଜୟ ଉତ୍ସବ ବାଇକ୍ ଶୋଭାଯାତ୍ରା ଆରମ୍ଭ କରି ସିପିପି ଗୋଲେଇ ଛକ, ସେଣ୍ଟ୍ରାଲ ମାର୍କେଟ, ନାଲ୍‌କୋ କଲ୍ୟାଣ ମଣ୍ଡପ, ମନ୍ଦିର ଛକ ଦେଇ କଲୋନୀ ପରିକ୍ରମା କରି ସଂଘ କାର୍ଯ୍ୟାଳୟ ଯାଏ ଯାଇଥିଲେ।



## ବଇଣ୍ଡାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ

ବଇଣ୍ଡା,୪।୧୦ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ତଥା କିଶୋରନଗର ବ୍ଲକର ବଇଣ୍ଡାଠାରେ ଶୁକ୍ରବାର ବଇଣ୍ଡା ଓ ହଣ୍ଡପା ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଗକୁ ପୂଜା ଥିବାରୁ କିଭଳି ଏହି ଅଞ୍ଚଳ ଶାନ୍ତିପୂର୍ଣ୍ଣ ରହିବ ସେ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ବଇଣ୍ଡା ଛକ, ହାଇସ୍କୁଲ ରୋଡ୍, ୫୫ ନମ୍ବର ଜାତୀୟ ରାଜପଥ ଅଞ୍ଚଳରେ ପୋଲିସ ଫ୍ଲାଗ ମାର୍ଚ୍ଚ କରିଥିଲା। ହଣ୍ଡପା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀଙ୍କ ସହିତ ବ୍ୟାପକ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।



## ଡିଜେ, ପ୍ଲାଷ୍ଟିକ ଗ୍ଲାସ ଓ କପ୍ ବ୍ୟବହାରକୁ ବାରଣ


ସେଣ୍ଟ୍ରାଲ ପୂଜା କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ସେଣ୍ଟ୍ରାଲ ପୂଜା କମିଟି ବୈଠକ**

ଅନୁଗୋଳ,୪।୧୦(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଜିଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ସେଣ୍ଟ୍ରାଲ ପୂଜା କମିଟିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସୁନୀଲ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ଦୁର୍ଗା ପୂଜା ଏବଂ ଲକ୍ଷ୍ମୀ ପୂଜାକୁ କିଭଳି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଚଳିତ ବର୍ଷ ପୂଜା ଓ ଭସାଣିରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଡିଜେ ନ ବଜାଇବା ସହ ପରିବେଶ ସ୍ୱଚ୍ଛତା ପାଇଁ ପ୍ଲାଷ୍ଟିକ ଗ୍ଲାସ ଓ କପ୍ ବ୍ୟବହାର ନ କରିବାକୁ କମିଟି କର୍ମକର୍ତ୍ତାମାନେ ସହମତି ପ୍ରକାଶ କରିଥିଲେ। ସେହିପରି ରାତି ୧୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବ୍ୟବସାୟ ଚାଲୁ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ତୋରଣର ଲମ୍ବା ଓ ଓସାର ୧୮ ଫୁଟ ରଖିବା ସହ ଭସାଣି ଉତ୍ସବରେ ବିଭିନ୍ନ ଛକରେ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ପ୍ରଦାନ କେନ୍ଦ୍ର ଅସ୍ଥାୟୀ ଭାବରେ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହେମସରପଡ଼ାରେ ଦୁର୍ଗାପୂଜାର ଦଶମୀରେ ରାବଣ ପୋଡ଼ି ଅନୁଷ୍ଠିତ ହେବ। ଲକ୍ଷ୍ମୀପୂଜା ଭସାଣିରେ ୧୨ଟି ମେଢ଼ ସାମିଲ ହେବ। ଏହି ମେଢ଼ଗୁଡ଼ିକ ଲଟେରି ମାଧ୍ୟମରେ ଆଗପଛ ହୋଇ ଶୋଭାଯାତ୍ରାରେ ବାହାରିବେ। ଏହି ଭସାଣିରେ ସାମିଲ ହେବାକୁ ଥିବା ପ୍ରତିଟି ପୂଜା କମିଟି ୩ରୁ ଅଧିକ ବାଦ୍ୟ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ନାହିଁ। ଥାନା ଛକରୁ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ବାହାରି କାଞ୍ଚନ ଟକିଜ ଦେଇ ବଜାର ଛକଯାଏ ଯାଇ ସେଠାରୁ ବିସର୍ଜନ ପାଇଁ ଯିବେ। ବୈଠକରେ କମିଟି ସାଧାରଣ ସମ୍ପାଦକ ଦିଲୀପ ପ୍ରଧାନ, ଉପସଭାପତି ସନ୍ତୋଷ ଦାସ, ରତିକାନ୍ତ ଦାସ, ଚନ୍ଦ୍ରକାନ୍ତ ଧଳ, ନୀଲୁ ସାହୁ, ସମ୍ପାଦକ ପ୍ରଭାତ ପ୍ରଧାନ, ଆଦର୍ଶ ସାହୁ, ରଣଜିତ ମାଣ୍ଡୋଠିଆ, କୋଷାଧ୍ୟକ୍ଷ ଅମରେଶ ସ୍ୱାଇଁ, ଉପଦେଷ୍ଟା ନୀଳମଣି ରାଉତ, ଆଇନ ପରାମର୍ଶଦାତା ଦିଲୀପ ଦାସଙ୍କ ସମେତ ଦୁର୍ଗା ଓ ଲକ୍ଷ୍ମୀ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## କ୍ଷତିଗ୍ରସ୍ତଙ୍କୁ ଶୀଘ୍ର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ


ସମୀକ୍ଷା ବୈଠକରେ ବିଧାୟକଙ୍କ ସମେତ ବନ ବିଭାଗ ଅଧିକାରୀ ଓ ଜନପ୍ରତିନିଧିମାନେ।

**ବନବିଭାଗ ଅଧିକାରୀଙ୍କୁ ନେଇ ବିଧାୟକଙ୍କ ବୈଠକ**

ବଇଣ୍ଡା,୪।୧୦(ପରିକ୍ଷିତ ସାହୁ)

ବନ୍ୟଜନ୍ତୁ ବିଭିନ୍ନ ଗ୍ରାମରେ ପଶି ବ୍ୟାପକ ଫସଲ, ଘର ନଷ୍ଟ କରୁଛନ୍ତି। ମଣିଷଙ୍କ ଜୀବନ ମଧ୍ୟ ନେଉଛନ୍ତି। କିନ୍ତୁ କ୍ଷତିଗ୍ରସ୍ତଙ୍କୁ ଉଚିତ କ୍ଷତିପୂରଣ ମିଳୁନାହିଁ। ସମସ୍ତ କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବା ଉପରେ ବନ ବିଭାଗ ଅଧିକାରୀମାନେ ଅଧିକ ଧ୍ୟାନ ଦିଅନ୍ତୁ ବୋଲି ଶୁକ୍ରବାର ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏସ୍‌ସିଏଫ୍ ସଚ୍ଚିଦାନନ୍ଦ ସେଠୀ, ଦିବ୍ୟସିଂହ ମାଝୀ, ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ, ବାମୁର ରେଞ୍ଜର ସରୋଜ କୁମାର ମିଶ୍ର, ଧଣ୍ଡାତୋପା ରେଞ୍ଜର ବଭ୍ରୁବାହନ ସାହୁ, ଆଠମଲ୍ଲିକ ରେଞ୍ଜର ସୁନୀଲ କୁମାର ସାହୁ, ମାଧପୁର ରେଞ୍ଜର ବିଜୟ କୁମାର ସାହୁ, ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ଗାଁ ବଇଣ୍ଡା ସରପଞ୍ଚ ସସ୍ମିତା ସାହୁ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର, କଣ୍ଟେଇକୋଳିଆ ସରପଞ୍ଚଙ୍କ ପ୍ରତିନିଧି ଉତ୍ତମ ମାଟିଆରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବନବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହ ହାତୀ, ବାରହା, ମାଙ୍କଡ ଉପଦ୍ରବକୁ କିଭଳି ବନବିଭାଗ ରୋକିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବିଭିନ୍ନ ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ସୋଲାର ଲାଇଟ ଲଗାଇବା ସହ ଗ୍ରାମଗୁଡିକରେ କିଭଳି ବନ୍ୟଜନ୍ତୁ ପ୍ରବେଶ କରିପାରିବେ ନାହିଁ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ବନ ବିଭାଗ ଅଧିକାରୀମାନେ ଠିକ୍ ଭାବରେ ଚିହ୍ନଟ କରୁ ନ ଥିବାରୁ ବହୁ କ୍ଷତିଗ୍ରସ୍ତ କ୍ଷତିପୂରଣରୁ ବଞ୍ଚିତ ହେଉଥିବା କେତେଜଣ ସରପଞ୍ଚ ଅଭିଯୋଗ କରିଥିଲେ। ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ।

